## ସଂକ୍ଷେପରେ

### ରାମାୟଣ, ପ୍ରହ୍ଲାଦ ନାଟକ ମଞ୍ଚସ୍ଥ

ଧରାକୋଟ,୧୪।୬ (ବିଷ୍ଣୁ କେଶରୀ ଆଚାର୍ଯ୍ୟ): ଧରାକୋଟ ଗଡ଼ରେ ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି। ଏଥିସହ ଗଡ଼ ଅଞ୍ଚଳର ନବ ଶାସନରେ ମଧ ଶୀତଳଷଷ୍ଠୀ ଯାତ୍ରା ଉଦଯାପିତ ହୋଇଛ। ପ୍ରଥମ ଦିନ ଶିବ ପାର୍ବତୀଙ୍କ ବିବାହ, ଦ୍ୱିତୀୟ ଦିନ ନଗର ପରିକ୍ରମା, ତୃତୀୟ ଦିନ ଧରାକୋଟ ରଥପଦା ଠାରେ ରାମାୟଣ ନାଟକ ମଞ୍ଚସ୍ଥ ହୋଇଥିଲା। ସେହିପରି ନାରାୟଣପୁର ଶାସନରେ ଶିବ ବିବାହ ଅବସରରେ ପ୍ରହ୍ଲାଦ ନାଟକ ମଞ୍ଚସ୍ଥ ହୋଇଥିଲା। କାର୍ଯ୍ୟକ୍ରମରେ ମହାକାଳ ଯୁବକ ସଂଘ ସଭାପତି ଭବାନୀ ପ୍ରସାଦ ରଥବର୍ମା, ସଂପାଦକ ପ୍ରସନ୍ନ କୁମାର ମିଶ୍ର, ଶରତ ଚନ୍ଦ୍ର ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

### ୩୦ ୟୁନିଟ୍ ରକ୍ତ ସଂଗ୍ରହ

ଦିଗପହଣ୍ଡି,୧୪।୬(ଅଶେଷନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ପ୍ରତିନିଧି ବି. କ୍ରିଷ୍ଣାରାଓ ସୁବୁଦ୍ଧିଙ୍କ ନେତୃତ୍ୱରେ ବୁଧବାର ଆୟୋଜିତ ଶିବିରରେ ୩୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। ପ୍ରଥମେ ଏମ . ଭାଗ୍ୟ ରେଡ୍ଡୀ ଏବଂ ଦୁଇ ଭିନ୍ନକ୍ଷମ ଯୁବକ ସୁଶାନ୍ତ ପ୍ରଧାନ, ୟୁ . ଗୁରୁମୂର୍ତ୍ତି ରକ୍ତଦାନ କରି ଶିବିର ଶୁଭାରମ୍ଭ କରିଥିଲେ। ବ୍ରହ୍ମପୁର ରକ୍ତଭଣ୍ଡାରର କର୍ମଚାରୀ ଉପସ୍ଥିତ ରହି ଶିବିର ପରିଚାଳନା କରିଥିବା ବେଳେ ପୂର୍ବତନ ସମିତି ସଭ୍ୟ ସୁଶାନ୍ତ କୁମାର ସେଠୀ, ନୀଳମାଧବ ବେହେରା, ଏଲ୍. କୃଷ୍ଣ, ସଞ୍ଜୀବ ପାତ୍ର, ସୁବାସ ରେଡ୍ଡୀ, ଏନ୍. ମୋହନ ରେଡ୍ଡୀଙ୍କ ସମେତ ପଞ୍ଚାୟତର ବହୁ ଯୁବକ ସହଯୋଗ କରିଥିଲେ।

### ବିଶ୍ୱ ରକ୍ତଦାତା ଦିବସ ପାଳିତ

ଆସିକା,୧୪।୬ (ସୁରେନ୍ଦ୍ର ନାଥ ସାହୁ): ଆସିକା ଉପଖଣ୍ଡ ଚିକିତ୍ସାଳୟ ପରିସରରେ ଶୁକ୍ରବାର ବିଶ୍ୱ ରକ୍ତଦାତା ଦିବସ ପାଳିତ ହୋଇଯାଇଛି। ଚିକିତ୍ସାଳୟ ଅଧୀକ୍ଷକ ଡା. ବାଳଗୋପାଳ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡା. ଦୀପକ ସାମନ୍ତରାୟ, ଡା. ଶ୍ୟାମସୁନ୍ଦର, ଡା. ଅଶୋକ ପଟ୍ଟନାୟକ, ସହକାରୀ ପରିଚାଳକ ପ୍ରିୟଙ୍କା ମହାନ୍ତି ସୁଚିତ୍ରା ଶତପଥୀ, କେଦାରନାଥ ପାତ୍ର, ରୀନା କୁମାରୀ ପ୍ରଧାନ, ମିତାଲି ମହାନ୍ତି, ସୁନନ୍ଦା ପ୍ରଧାନ, ଦୀପକ ସାହୁ, ଅମିତ କୁମାର ଦାସଙ୍କ ସମେତ ଡାକ୍ତରଖାନାର କର୍ମଚାରୀ ଏବଂ ଆଶା ଓ ସ୍ୱାସ୍ଥ୍ୟକର୍ମୀ ସାମିଲ ଥିଲେ।

### ଶୀତଳଷଷ୍ଠୀ ଯାତ୍ରା ପାଇଁ ଉତ୍ସବମୁଖର ଜି.ଉଦୟଗିରି

ଜି.ଉଦୟଗିରି,୧୪।୬(ଶିଶିର ପଟ୍ଟନାୟକ): ଶୀତଳଷଷ୍ଠୀ ଯାତ୍ରା ପାଇଁ ଉତ୍ସବମୁଖର ହୋଇଉଠିଛି ଜି.ଉଦୟଗିରି ସହର। ଗାନ୍ଧୀ ଛକରେ ଠାକୁରଙ୍କ ମିଳନ ଉତ୍ସବ ଅନୁଷ୍ଠିତ ହୋଇଛି। ରବିବାର ଦେବ ଦମ୍ପତିଙ୍କ ବିବାହ ପାଇଁ ଗୁଆ ଅନୁକୂଳ ହୋଇଥିବା ବେଳେ ସୋମବାର ବିବାହ ଉତ୍ସବ, ମଙ୍ଗଳ ଏବଂ ବୁଧବାର ବିରାଟ ପଟୁଆରରେ ଠାକୁରଙ୍କ ନଗର ପରିକ୍ରମା ଅନୁଷ୍ଠିତ ହୋଇଛି। ଗୋଟିଏ ପଟେ ଦୁଇ ଦିନ ଧରି ପୌରାଣିକ ନାଟକ ପରିବେଷଣ କରାଯାଇଥିବା ବେଳେ ଗୁରୁବାର ରାତିରେ ସାମାଜିକ ନାଟକ 'ଜନମ ନେଇଛି କାନ୍ଦିବା ପାଇଁ' ପରିବେଷଣ ହୋଇଛି। ଶୀତଳଷଷ୍ଠୀ ଯାତ୍ରା ପାଇଁ ଜି.ଉଦୟଗିରି ସହରରେ ଗହଳି ଲାଗି ରହିଥିବା ବେଳେ ଗ୍ରାମାଞ୍ଚଳରୁ ମଧ୍ୟ ଶ୍ରଦ୍ଧାଳୁ ଆସିଥିବା ଦେଖିବାକୁ ମିଳିଛି।

# ଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ମରୁଡ଼ି

ପାରଳାଖେମୁଣ୍ଡି, ୧୪।୬ (ଗିରିଧାରୀପରିଚ୍ଛା):

ଗଜପତି ଜିଲା ଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନାହାନ୍ତି। ଫଳରେ ଲୋକେ ବିଭିନ୍ନ ଡାକ୍ତରଖାନାକୁ ଯାଇ ବହୁ ଖର୍ଚ୍ଚାନ୍ତ ହେଉଥିବା ଅଭିଯୋଗ କରିଛନ୍ତି ମିନସ ମଣ୍ଡଳ, ପ୍ରବୀଣ କୁମାର,ସୁକୁ ମଣ୍ଡଳ ପ୍ରମୁଖ। ଏଠାରେ ଶିଶୁ ରୋଗ ଓ ଆନେସ୍ଥେସିଆ ବିଶେଷଜ୍ଞ ନାହାନ୍ତି। ଫଳରେ ଗୁମ୍ମା ବ୍ଲକର ଗର୍ଭବତୀ ମହିଳାଙ୍କଠାରୁ ଆରମ୍ଭ କରି ଶିଶୁ ମାନଙ୍କ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଉପରେ ନିର୍ଭର କରୁଛନ୍ତି। ଫଳରେ ସେମାନେ ଅଯଥା ଖର୍ଚ୍ଚର ଶିକାର ହେଉଛନ୍ତି। ମୁଖ୍ୟତଃ ଜଳବାୟୁ ପରିବର୍ତ୍ତନ ଓ ଋତୁ ପରିବର୍ତ୍ତନ ଶିଶୁଙ୍କ କ୍ଷେତ୍ରରେ ଥଣ୍ଡା ଜ୍ୱର, ମୁଣ୍ଡ ବଥା, ଖାସ ଆଦି ବିଭିନ୍ନ ପ୍ରକାର ରୋଗ ଦୁଇଗୁଣ ବୃଦ୍ଧି ପାଉଛି। ରାଜ୍ୟ ଓ କେନ୍ଦ୍ର ସରକାର ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ପ୍ରାଧାନ୍ୟ ଦେଉଥିବା ସହ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଥିବା ବେଳେ ବର୍ତ୍ତମାନ ସୁଦ୍ଧା ଗୁମ୍ମା ବ୍ଲକରେ କୌଣସି ବିଭାଗର ବିଶେଷଜ୍ଞ ନାହାନ୍ତି। ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଉପାନ୍ତ ଅଞ୍ଚଳରେ ବିଭିନ୍ନ ବର୍ଗର ଲୋକେ ନିର୍ଭର କରନ୍ତି। ବ୍ଲକରେ ପ୍ରାୟ ୫୦ହଜାର ଲୋକ ବସବାସ କରୁଥିବା ବେଳେ ପ୍ରତି ୬ମାସ ମଧ୍ୟରେ ୧୮ ହଜାର ରୁ ୨୦ ହଜାର ରୋଗୀ ଚିକିତ୍ସା ପାଇଁ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସନ୍ତି। ୧୦ବର୍ଷରୁ କମ ବୟସ ପିଲାଙ୍କ ସଂଖ୍ୟା ପ୍ରାୟ ୧୦ହଜାରରୁ ଊର୍ଦ୍ଧ୍ୱ ରହିଥିବାବେଳେ ଚିକିତ୍ସା ପାଇଁ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରନ୍ତି। ସେହିପରି ଆଶ୍ରମ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଚିକିତ୍ସା ମଧ୍ୟ ଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରେ। ଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୬ଜଣ ଡାକ୍ତର ରହିଥିବା ବେଳେ ଜଣେ ମଧ୍ୟ ନାହାନ୍ତି ଶିଶୁ ରୋଗ ବିଶେଷଜ୍ଞ ଓ ଆନେସ୍ଥେସିଆ ଡାକ୍ତର। ଶିଶୁଙ୍କ ସ୍ୱାସ୍ଥ୍ୟଜନିତ ସମସ୍ୟା ହେଲେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଉପରେ ନିର୍ଭର କରନ୍ତି ଅଞ୍ଚଳବାସୀ। ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯିବା ଆସିବା ପାଇଁ ଅଯଥା ଟଙ୍କା ଖର୍ଚ୍ଚ ହେବା ସହ ବିଭିନ୍ନ ସମସ୍ୟା ହେଉଥିବା ଅଭିଯୋଗ ହେଉଛି। ଏନେଇ ଏଡିଏମ ପ୍ରମୋଦ କୁମାର ପଣ୍ଡାଙ୍କ କହିବା ହେଲା ଜିଲା ମୁଖ୍ୟ ଚିକିତ୍ସାଳୟରେ ମଧ୍ୟ ଗୋଟିଏ ହେଲେ ଶିଶୁ ବିଶେଷଜ୍ଞ ନାହାନ୍ତି। ଡେପୁଟେସନରେ ଜଣେ ଡାକ୍ତର ଅଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୪ଜଣ ଶିଶୁ ବିଶେଷଜ୍ଞ ରହିବା କଥା । ଡାକ୍ତର ଆସିଲେ ଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଜଣେ ଶିଶୁ ରୋଗ ବିଶେଷଜ୍ଞ ଯୋଗାଇ ଦିଆଯିବ। ସେହିପରି ଆନେସ୍ଥେସିଆ ଡାକ୍ତର ମୁଖ୍ୟ ଚିକିତ୍ସାଳୟରେ ନାହାନ୍ତି। ନୂତନ ଡାକ୍ତର ଆସିଲେ ସେଠାକୁ ପଠାଯିବ ବୋଲି କହିଛନ୍ତି । ତେଣୁ ତୁରନ୍ତ ଏହି ସମସ୍ୟାର ସ୍ଥାୟୀ ସମାଧାନ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ସେହିଭଳି ସ୍ୱାସ୍ଥ୍ୟକେନ୍ଦ୍ରରେ ବିଦ୍ୟୁତ ବନ୍ଦ ହେଲେ ଜେନେରଟର ସୁବିଧା ନଥିବା ଯୋଗୁଁ ଡାକ୍ତରମାନେ କ୍ୟାଣ୍ଡଲ କିମ୍ବା ଟର୍ଚ୍ଚ ଧରି ଚିକିତ୍ସା କରୁଥିବା ଅଭିଯୋଗ କରିଛନ୍ତି ଅଞ୍ଚଳବାସୀ।

# ୧୦ ଲକ୍ଷ ଖର୍ଚ୍ଚରେ ଲାଗିଛି ଫିଲ୍ଟର୍, କାମରେ ଲାଗୁନି



ମୋହନା, ୧୪।୬ (ମନ୍ମଥ ମିଶ୍ର): ଗଜପତି ଜିଲା ମୋହନାଠାରେ ଗତ ବର୍ଷ ୧୦ ଲକ୍ଷ ଟଙ୍କା ବ୍ୟୟରେ ବସା ଯାଇଥିଲା ଏକ ଫିଲ୍ଟର୍। କିନ୍ତୁ ତାହା ଆଜି ପର୍ଯ୍ୟନ୍ତ କାମ କରୁନାହିଁ। ଗାଁ ଗାଁରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ସରକାର ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଏଠାରେ ଯଥା ପୂର୍ବଂ ତଥା ପରଂ ଭଳି ଏବେ ପର୍ଯ୍ୟନ୍ତ ଗ୍ରାମବାସୀ ଗୋଳିଆ ପାଣି ହିଁ ବ୍ୟବହାର କରୁଛନ୍ତି। ଏହି ପାଣିରେ ଅଧିକ ପରିମାଣରେ ମ୍ୟାଲେରିଆ ଜୀବାଣୁ ଥିବା ହେତୁ ଲୋକେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଅନ୍ୟପକ୍ଷରେ ପୂର୍ବତନ ପଞ୍ଚାୟତ ନିର୍ବାହୀ ଅଧିକାରୀ ଲକ୍ଷ୍ମୀକାନ୍ତ ପାତ୍ର ଓ ଠିକାଦାରଙ୍କ ମଧୁଚନ୍ଦ୍ରିକାରେ ନିମ୍ନମାନର ଫିଲ୍ଟର୍ ବସାଇ ଟଙ୍କା ହେରଫେର ହୋଇଥିବା ଲୋକେ ଅଭିଯୋଗ କରିଛନ୍ତି। ଏହି ଫିଲ୍ଟର ନିମ୍ନମାନର ହୋଇଥିବାରୁ କାମରେ ଆସୁନାହିଁ। ଏ ନେଇ ବାରମ୍ବାର ବ୍ଲକ ପ୍ରଶାସନଠାରୁ ଜିଲା ପ୍ରଶାସନ ପର୍ଯ୍ୟନ୍ତ ଗୁହାରି କଲେ ସୁଦ୍ଧା କେହି କର୍ଣ୍ଣପାତ କରୁନାହାନ୍ତି। ଯେତେବେଳେ ଏହି ଫିଲ୍ଟର୍ ବସାଗଲା ଜଳ ଯୋଗାଣ କମିଟି କିମ୍ବା କୌଣସି ପ୍ରତିନିଧିଙ୍କୁ ନଜଣାଇ ପିଇଓ ଲକ୍ଷ୍ମୀକାନ୍ତ ତରବରିଆ ଭାବେ କରିଥିବା ଶୁଣିବାକୁ ମିଳୁଛି। ମୋହନା ନାଏବ ସରପଞ୍ଚ ତଥା ଜଳଯୋଗଣ ସଭାପତିଙ୍କୁ କହିଛନ୍ତି ଏହି ଘଟଣା ସତ୍ୟ। ଏଣୁ ଏହାର ତଦନ୍ତ ହେବା ଜରୁରୀ।

# ମା' ସିଂହାସନୀଙ୍କ ପୀଠରେ ଭିଡ଼

ପୋଲସରା,୧୪।୬(ସୁବ୍ରତ ବେହେରା): ପୋଲସରା ସହରଠାରୁ ୨୫ କି.ମି. ଦୂର କଷିପଡାଠାରେ ବିଜେ ମା' ସିଂହାସନୀଙ୍କ ପୀଠରେ ୩ ଦିନିଆ ରଜପର୍ବ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏହି ୩ ଦିନରେ ପୀଠକୁ ଆସି ଦର୍ଶନ କଲେ ମା'ଙ୍କ କୃପା ଦୃଷ୍ଟି ପଡ଼ିଥାଏ ବୋଲି ବିଶ୍ୱାସ ରହିଥିବାରୁ ପହିଲି ରଜଠାରୁ ତିନି ଦିନ ପର୍ଯ୍ୟନ୍ତ ଗଞ୍ଜାମ ଜିଲାର ବିଭିନ୍ନ ଅଞ୍ଚଳ ସହିତ ଜିଲା ବାହାରୁ ମଧ୍ୟ ହଜାର ହଜାର ଶ୍ରଦ୍ଧାଳୁ ଆସି ପୂଜାର୍ଚ୍ଚନା କରିଥାନ୍ତି। ଚଳିତବର୍ଷ ପ୍ରବଳ ଗରମ ସତ୍ତ୍ୱେ ପହିଲି ରଜରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ମନ୍ଦିର କମିଟି ସଭାପତି ତଥା ପୋଲସରା ବିଧାୟକ ଗୋକୁଳାନନ୍ଦ ମଲିକଙ୍କ ନିର୍ଦ୍ଦେଶ କ୍ରମେ ସମସ୍ତ କାର୍ଯ୍ୟର ତଦାରଖ କମିଟିର ସଦସ୍ୟମାନେ କରିଥିଲେ। କମିଟିର କର୍ମକର୍ତ୍ତାଙ୍କ ସମେତ ଚିରିକିପଡା ଶାସନ, ଭାବରଡା,



ଗୋଛାବାଡି ଓ ପାଣ୍ଡିରିପଡା ପଞ୍ଚାୟତର ଲୋକଙ୍କ ସହଯୋଗରେ ପ୍ରଥମଦିନ ପର୍ବ ଶାନ୍ତିପୂର୍ଣ୍ଣ ଭାବେ ସରିଛି। ମନ୍ଦିର ପରିଚାଳନା କମିଟିର ଉପସଭାପତି ପୀତବାସ ପ୍ରଧାନ, ମନ୍ଦିର ଟ୍ରଷ୍ଟି ରଘୁନାଥ ସାହୁ, ଘୁମୁସର ଜିଲା ଉପସଭାପତି ପ୍ରଭାକର ପଣ୍ଡା, ଯୁବମୋର୍ଚ୍ଚା ସଭାପତି ଦୀପକ ପ୍ରଧାନ, ସୂର୍ଯ୍ୟନାରାୟଣ ପାଢ଼ୀ, ସ୍ଥାନୀୟ ସରପଞ୍ଚ ରଘୁନାଥ ଭୂୟାଁ , ରଘୁନାଥ ପ୍ରଧାନ, ରବୀନ୍ଦ୍ର ନାୟକ, କୈଳାସ ମହାରଣା, ବିପ୍ରଚରଣ ପ୍ରଧାନ, ରବୀନ୍ଦ୍ର ନାଥ ନାୟକ, ସୁରେନ୍ଦ୍ର ପ୍ରଧାନ, ବିପିନ ପ୍ରଧାନ, ଚନ୍ଦ୍ରଶେଖର ଗୌଡ ସମେତ ବହୁ ଜନପ୍ରତିନିଧି ଉପସ୍ଥିତ ରହି ସହଯୋଗ କରିଥିଲେ। ପୋଲସରା ପୋଲିସ ଓ ପ୍ରଶାସନିକ ଅଧିକାରୀମାନେ ଆଇନ ଶୃଙ୍ଖଳା ନିୟନ୍ତ୍ରଣ କରିଥିଲେ।

## କେଶପୁର ଛକରେ ପୁଣି ଚୋରି

ଖଲ୍ଲିକୋଟ,୧୪।୬(ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ଥାନା ଅନ୍ତର୍ଗତ କେଶପୁର ଛକରେ ଗୁରୁବାର ବିଳମ୍ବିତ ରାତିରେ ସିରିଜ ଚୋରି ହୋଇଛି। ଦୁର୍ବୃତ୍ତମାନେ ଗୋଟିଏ ବାଇକ ସହ ଦୋକାନ ତାଲା ଭାଙ୍ଗି ବିଭିନ୍ନ ଜିନିଷ ସହ ଟଙ୍କା ନେଇଯାଇଥିବା ଅଭିଯୋଗ ହୋଇଛି। ଦୁର୍ବୃତ୍ତ କେଶପୁର ଛକରେ ଥିବା ଚୁଡ଼ି ଦୋକାନ ତାଲା ଭାଙ୍ଗି ଚୁଡ଼ି, ଡିଓଡ୍ରେଣ୍ଟ, ଓ ଡ୍ର ଖୋଲି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ସହ ଟଙ୍କା ନେଇ ଯାଇଥିଲେ। ଦୋକାନ ମାଲିକ ଏନ. ପ୍ରସନ୍ନ ଦୋରା ଶୁକ୍ରବାର ସକାଳେ ଆସିବା ବେଳକୁ ଦୋକାନ ତାଲା ଭଙ୍ଗାଯାଇଥିବା ଓ ଭିତରେ ଜିନିଷପତ୍ର ବିଛାଡ଼ି ହୋଇ ପଡିଥିବା ଦେଖିଥିଲେ। ସେହିପରି ଏକ ସେଲୁନ ତାଲା ଭାଙ୍ଗି ଦୁର୍ବୃତ୍ତ ଡ୍ର'ରୁ ଟଙ୍କା ନେଇଯାଇଥିବା ମାଲିକ ଅଭିମନ୍ୟୁ ବାରିକ ଅଭିଯୋଗ କରିଛନ୍ତି। ସେହିପରି ଦୁର୍ବୃତ୍ତ ଏକ ଅଟୋ ଗ୍ୟାରେଜର ତାଲା ଭାଙ୍ଗି ଦେଇଥିବା ଅଭିଯୋଗ କରିଛନ୍ତି ଗ୍ୟାରେଜ ମାଲିକ ଭାସ୍କର ତରେଇ। ଏହି ସିରିଜ ଚୋରି ସମ୍ପର୍କରେ ଖଲ୍ଲିକୋଟ ଥାନାରେ ଅଭିଯୋଗ ହେବା ପରେ ଥାନାଧିକାରୀ ନରେଶ କୁମାର ସାହୁଙ୍କ ନିର୍ଦ୍ଦେଶକ୍ରମେ ଏସଆଇ ଦେବାଶିଷ ମିଶ୍ର, ଏଏସଆଇ ପ୍ରଭାକର ଘଣ୍ଟ ଘଟଣାସ୍ଥଳରେ ପହଞ୍ଚି ବିଭିନ୍ନ ଦିଗକୁ ନେଇ ତଦନ୍ତ କରିଥିଲେ। ଦୁର୍ବୃତ୍ତମାନେ ସିସି କ୍ୟାମେରା ତାର କାଟିବା ସହ ହାର୍ଡଡିସ୍କ ବାହାରେ ଫିଙ୍ଗି ଦେଇଥିଲେ। ସେମାନଙ୍କ ଦୁଇଟି ଗାମୁଛା ପଡିଥିଲା। ପୋଲିସ ସନ୍ଧାନୀ କୁକୁର ଆଣି ତଦନ୍ତ କରୁଛି। ଚୋରି ନେଇ ବ୍ୟବସାୟୀମାନେ ଭୟଭୀତ ଥିବାବେଳେ ପୋଲିସ ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରିବା ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

# ମହାଶିଙ୍ଗ କ୍ରିକେଟ୍ ଟିମ୍ ଚାମ୍ପିୟନ



କ.ନୂଆଗାଁ,୧୪।୬(କାଳୀ ପ୍ରସାଦ ତ୍ରିପାଠୀ): କନ୍ଧମାଳ ଜିଲା କ.ନୂଆଗାଁ ବ୍ଲକ ଗହିଙ୍ଗିଆ ଖେଳପଡିଆଠାରେ ଚାଲିଥିବା କ୍ରିକେଟ ପ୍ରିମିୟର ଲିଗରେ ମହାଶିଙ୍ଗ ଟିମ୍ ଚାମ୍ପିୟନ ହୋଇଛି। ଶୁକ୍ରବାର ମହାଶିଙ୍ଗ ଓ କ.ନୂଆଗାଁ (ଖ) ମଧ୍ୟରେ ଫାଇନାଲ ମ୍ୟାଚ ହୋଇଥିଲା। ଟସ୍ ଜିତି କ.ନୂଆଗାଁ (ଖ) ଦଳ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୨ ଓଭରରେ ସମସ୍ତ ଉଇକେଟ ହରାଇ ୮୯ ରନ୍ ସଂଗ୍ରହ କରିଥିଲା। ମହାଶିଙ୍ଗ ଦଳ ୭ ଉଇକେଟ ହରାଇ ୯୦ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଫାଇନାଲ ମ୍ୟାଚକୁ ରାହୁଲ କୁମାର ନାୟକ ଓ ବୁବୁନ ମନ୍ତ୍ରୀ ପରିଚାଳନା କରୁଥିଲେ। ଉଦ୍‌ଯାପନୀ ସଭାରେ କ.ନୂଆଗାଁ ଜିଲା ପରିଷଦ ସଭ୍ୟା ଅନିତା ମଲିକ, ବ୍ଲକ ଉପାଧ୍ୟକ୍ଷ ଧବଳେଶ୍ୱର ପାତ୍ର, ଭାଜପା ନେତା ପଣ୍ଡିତ କୁମାର ବିଶିମାଝୀ ଓ ଭାଜପା ଜିଲା କୋଷାଧ୍ୟକ୍ଷ ବିଜୟ କୁମାର ସାହୁ ଯୋଗ ଦେଇ ବିଜେତା ମହାଶିଙ୍ଗ ଦଳକୁ ୯,୯୯୯ ଟଙ୍କା ସହ ଟ୍ରଫି ଓ ଉପ ବିଜେତା ଦଳକୁ ୬,୯୯୯ ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ଏଥିସହ ଶ୍ରେଷ୍ଠ ଫିଲଡର ଭାବେ ଜିତେନ୍ଦ୍ର କୁମାର ବେହେରା,ବୋଲର୍ ଭାବେ ଲିପୁ, କିପର ଭାବେ ସୁରଜ୍, ମ୍ୟାନ୍ ଅଫ୍ ଦି ମ୍ୟାଚ ଭାବେ ଜ୍ଞାନେଶ ଓ ମ୍ୟାନ୍ ଅଫ୍ ଦି ସିରିଜ ଭାବରେ ସଲିମଙ୍କୁ ପୁରସ୍କୃତ କରାଯାଇଥିଲା। ଟୁର୍ନାମେଣ୍ଟରେ ବୁବୁ କୁମାର ନାୟକ, ସତ୍ୟ ନାରାୟଣ ପଣ୍ଡା, ରଜନୀକାନ୍ତ ସାହୁ, ବିକ୍ରମ ନାୟକ ଓ ଭଞ୍ଜ ପ୍ରଧାନଙ୍କ ସମେତ ଏନ୍‌ସିସି କ୍ରିକେଟ ଆସୋସିଏଶନ୍‌ର କର୍ମକର୍ତ୍ତା ସହଯୋଗ କରିଥିଲେ।

# ରଜ ପାଇଁ ଚଳଚଞ୍ଚଳ ସହର

କବିସୂର୍ଯ୍ୟନଗର,୧୪।୬(କୃପାସିନ୍ଧୁ ସ୍ୱାଇଁ): କବିସୂର୍ଯ୍ୟନଗର ଅଞ୍ଚଳ ରଜପର୍ବ ପାଇଁ ଚଳଚଞ୍ଚଳ ହୋଇଛି। ଶୁକ୍ରବାର ପହିଲି ରଜରେ ଝିଅମାନେ ନୂଆବସ୍ତ୍ର ପିନ୍ଧି ସଜବାଜ ହୋଇ ଦୋଳି ଖେଳୁଥିବା ଦେଖାଯାଇଥିଲା। ଘରେ ଘରେ ବିଭିନ୍ନ ସୁସ୍ୱାଦୁ ପିଠାପଣା ମହକୁଛି। ରଜରେ ପିଠା ଓ ପାନ ଖାଇବା ପରମ୍ପରା ରହିଛି। ସମସ୍ତଙ୍କୁ ଆକୃଷ୍ଟ କରିଥାଏ ମିଠା ରଜ ପାନ। ପାନ ପାଇଁ ଦୋକାନ, ହୋଟେଲରେ ସବୁଠି ଗ୍ରାହକଙ୍କ ଭିଡ ଜମୁଛି। କବିସୂର୍ଯ୍ୟନଗର ମେଡିକାଲ କଲୋନୀ ସୁବାସ ରେଡ଼ିଙ୍କ ଘର ସମ୍ମୁଖରେ ରଜପାଇଁ ଝିଅଙ୍କ ଭିଡ଼ ଜମିଥିଲା। ରଜ ପାନ ସହ ପିଠାପଣା ଖାଇ ଝିଅମାନେ ଖୁସି ହେଉଥିଲେ। ଦୋଳ ସହ ପୁଚିଖେଳ ସମସ୍ତଙ୍କୁ ଆକୃଷ୍ଟ କରିଥିଲା। ଶୁଭ୍ରଜ୍ୟୋତି ଶିଳ୍ପା, ବସୁମତୀ ରେଡି, ପଲ୍ଲବିତା ରେଡି, ବେଦମତି ରେଡି, ଜେଲସି ରେଡି, କେଦାର ରେଡି, ପ୍ରତୀକ୍ଷା ପଳତା ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

# ପାର୍ଥସାରଥିଙ୍କୁ ଦର୍ଶନ କଲେ ବିଧାୟକ ମନୋରଞ୍ଜନ

## ଶୁଭେଚ୍ଛା ଜଣାଇଲା ଅଙ୍ଗନୱାଡି କର୍ମୀ ସଂଘ

ପାତ୍ରପୁର,୧୪।୬(ଉମା ଚରଣ ନେପାକ):

ଚିକିଟିର ନବ ନିର୍ବାଚିତ ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ଶୁକ୍ରବାର ପାତ୍ରପୁର ବ୍ଲକ ଜରଡ଼ା ପାର୍ଥ ସାରଥି ଧାମକୁ ଆସିଥିଲେ। ସେ ପ୍ରଭୁ ସାରଥୀ ଗୋସାଇଁ ଓ ଜଗନ୍ନାଥ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ଜରଡ଼ା ପଞ୍ଚାୟତର ସରପଞ୍ଚ ତିଳ ବେହେରା, ସମିତିସଭ୍ୟ ସନ୍ତୋଷ ପ୍ରଧାନ, କାଳୀ ପ୍ରସାଦ ପଣ୍ଡା, ସନ୍ତୋଷ କୁମାର ପାତ୍ରଙ୍କ ସମେତ ଶତାଧିକ କର୍ମୀ ଓ ଜନସାଧାରଣ ବିଧାୟକଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ପରିଧାନ କରାଇ ସମ୍ବର୍ଦ୍ଧନା ଜଣାଇଥିଲେ। ଜରଡା ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତି ସୀମାଞ୍ଚଳ ଗୌଡଙ୍କୁ



ପାର୍ଥ ସାରଥି ମନ୍ଦିରରେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ଓ ଅନ୍ୟମାନେ।

ସାକ୍ଷାତ କରି ବିଧାୟକ ଆଶୀର୍ବାଦ ଗ୍ରହଣ କରିଥିଲେ। ପରେ ପାତ୍ରପୁର ଅଙ୍ଗନୱାଡି କର୍ମୀ ସଂଘର ସଭାପତି ନଳିନୀ ମହାନ୍ତି, ସମ୍ପାଦିକା ହେମଲତା ମହାନ୍ତିଙ୍କ ନେତୃତ୍ୱରେ ଅଙ୍ଗନୱାଡି କର୍ମୀମାନେ ପାତ୍ରପୁର ଭାଜପା କାର୍ଯ୍ୟାଳୟ ଯାଇ ବିଧାୟକଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ବିଧାୟକଙ୍କ ବାସଭବନରେ ବିଭିନ୍ନ ସଂଘ କର୍ମକର୍ତ୍ତା, କର୍ମୀ, ବୁଦ୍ଧିଜୀବୀ ଓ ଜନସାଧାରଣଙ୍କ ଭିଡ ଲାଗିଥିଲା।

## କମଳା ପ୍ରକାଶନୀ ପକ୍ଷରୁ ପଣା ବଣ୍ଟନ

ଫୁଲବାଣୀ,୧୪।୬(ରାକେଶ କୁମାର ରାଉତ) ମା' ନାରାୟଣୀଙ୍କ ଯାତ୍ରା ଉପଲକ୍ଷେ ଫୁଲବାଣୀର ପ୍ରତିଷ୍ଠିତ କମଳା ପ୍ରକାଶିନୀ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପଣା ବଣ୍ଟନ କରାଯାଇଛି । ସହରର ବରିଷ୍ଠ ନାଗରିକ ଓ ଜିଲା ନାଗରିକ ସଂଘର ଉପସଭାପତି ପଦ୍ମ ଚରଣ ସ୍ୱାଇଁଙ୍କ ସମେତ ସଂଘ କର୍ମକର୍ତ୍ତା ପଣା ବଣ୍ଟନରେ ସହଯୋଗ କରିଥିଲେ । ବରିଷ୍ଠ ଆଇନଜୀବୀ ବିରଜା ନାହାକ, ବରିଷ୍ଠ ସରକାରୀ ଆଇନ ଉପଦେଷ୍ଟା ଅଶୋକ ବେହେରା, ବନ ବିହାରି ନନ୍ଦ, କୁନ୍ଦନ କୁମାର ସିଂ, ନାରାୟଣ ସାହୁ, ନିଳାଞ୍ଚଳ ଦାଶ ବ୍ରହ୍ମଚାରୀ ମହାରାଜା, ଆଇଟିଆଇ ଅଧକ୍ଷ ପ୍ରକାଶ ଚନ୍ଦ୍ର ସେଠି, କମଳା ପ୍ରକାଶିନୀ ପ୍ରତିଷ୍ଠାତା ନୃସିଂହ ମହାପାତ୍ର, ସଭାପତି ରାମକୃଷ୍ଣ ବେହେରା, ସମ୍ପାଦକ ମନୋଜ କୁମାର ଖାଡଙ୍ଗା ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

# ଟାଏକୋଣ୍ଡୋରେ ଚମକିଲେ କନ୍ଧମାଳ ଛାତ୍ରୀଛାତ୍ର



ଫୁଲବାଣୀ,୧୪।୬(ରାକେଶ କୁମାର ରାଉତ): ଇଣ୍ଡିଆ ଟାଏକୋଣ୍ଡୋ ତଥା ଓଡ଼ିଶା ଟାଏକୋଣ୍ଡ ଆନୁକୁଲ୍ୟରେ କଟକ ଜବାହରଲାଲ ନେହେରୁ ଇନ୍‌ଡୋର୍ ଷ୍ଟାଡିୟମ୍‌ରେ ଗତ ୭ ତାରିଖରୁ ୯ ତାରିଖ ପର୍ଯ୍ୟନ୍ତ ଚାଲିଥିବା ୩ୟ ରାଜ୍ୟସ୍ତରୀୟ ଟାଇକୋଣ୍ଡୋ ପ୍ରତିଯୋଗିତାରେ କନ୍ଧମାଳ ଜିଲା ପୁଣିଥରେ ଇତିହାସ ରଚିଛି । ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ କନ୍ଧମାଳ ଛାତ୍ରୀଛାତ୍ର ପୁଣି ଥରେ ସୁନାମ ଅର୍ଜନ କରିଛନ୍ତି। ଜିଲା ତରଫରୁ ଅପୂର୍ବା ଆର୍ଯ୍ୟା ସିନିୟର୍ ମହିଳା ବର୍ଗରେ ସ୍ୱର୍ଣ୍ଣ ପଦକ, ସିନିୟର ମହିଳା ବର୍ଗରେ ସୁଇଟି ସାହୁ କାଂସ୍ୟ ପଦକ, ଶୁଭଶ୍ରୀ ସାହୁ ଜୁନିଅର ମହିଳା ବର୍ଗରେ କାଂସ୍ୟ ଓ ଓମ୍ ସାଇ ପ୍ରକାଶ ସାହୁ ସବ୍ ଜୁନିଅର ପୁରୁଷ ବର୍ଗରେ କାଂସ୍ୟ ପଦକ ପାଇଛନ୍ତି। ନିଜ ପରିଶ୍ରମ ଓ ଏକାଗ୍ରତାର ଫଳ ସ୍ୱରୂପ କନ୍ଧମାଳ ଜିଲାକୁ ୪ଟି ମେଡାଲ ମିଳିଛି। କନ୍ଧମାଳ ଟାଏକୋଣ୍ଡୋର କୋଚ ସଲିନୀ ସିଂ ଓ ଦେବାଶିଷ ପ୍ରଧାନଙ୍କ ତତ୍ତ୍ୱାବଧାନରେ କନ୍ଧମାଳ ଏହି ଗର୍ବ ବଜାଇ ରଖି ପାରିଛି। ଓଡ଼ିଶା ଟାଏକୋଣ୍ଡୋର ସମ୍ପାଦକ ଚିନ୍ମୟ କୁମାର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ସଫଳତା ମିଳିଛି।

# ପାନୀୟ ଜଳ ପାଇଁ ରାସ୍ତାରେ ସୁଡୁକୁମ୍ଭାବାସୀ

ଖଜୁରିପଡ଼ା,୧୪।୬ (ବିଦୁର ବେହେରା)

ଅସହ୍ୟ ରୌଦ୍ର ତାପ, ଗୁଳୁଗୁଳି ସହିତ ତାତି ବଢ଼ିବା ସାଙ୍ଗକୁ ବଢୁଛି ଜଳକଷ୍ଟ। କୂଅ, ପୋଖରୀ ଶୁଖିଗଲାଣି। କେଉଁଠି ପାଣି ଟାଙ୍କି ଅଚଳ ତ ଆଉ କେଉଁଠି ପାଣି ପାଇଁ ଲୋକଙ୍କୁ ଯିବାକୁ ପଡୁଛି ମାଇଲ ମାଇଲ ବାଟ। ନିର୍ମାଣ ହେଉଛି ମେଗା ପ୍ରକଳ୍ପ ପାଣି ଟାଙ୍କି। ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ପାଣି ପାଇଁ ଘରେ ଘରେ କନେକ୍ସନ ଦିଆଯାଇଛି। କିନ୍ତୁ ଟୋପାଏ ପାଣି ପାଇଁ ତହଳ ବିକଳ ହେଉଛନ୍ତି ସାଧାରଣ ଜନତା। ବର୍ଷାକୁ ଆଶ୍ରା କରି ଶୋଷରେ ତଣ୍ଟି ଶୁଖି ଯାଉଛି । ଏଭଳି ଖଜୁରିପଡ଼ା ବ୍ଲକ ଅନ୍ତର୍ଗତ ସୁଡୁକୁମ୍ଭା ପଞ୍ଚାୟତର ୧୩, ୧୪ ୱାର୍ଡବାସୀ ଜଳ କଷ୍ଟ ଭୋଗୁଛନ୍ତି। ବାରମ୍ବାର ଅଭିଯୋଗ କରି କୌଣସି ସମାଧାନ ନ ହେବାରୁ ଗୁରୁବାର ସକାଳୁ ଫୁଲବାଣୀ-ବୌଦ୍ଧ ୫୭ ନଂ ଜାତୀୟ ରାଜପଥକୁ ଗ୍ରାମବାସୀ



ରାସ୍ତାରୋକୋ କରାଯାଇଛି।

ଅବରୋଧ କରିଛନ୍ତି। ଫଳରେ ଏହି ରାସ୍ତା ଦେଇ ଯାତାୟାତ ବାଧାପ୍ରାପ୍ତ ହୋଇଛି। ପାନୀୟ ଜଳ ସମସ୍ୟା ନେଇ ପଞ୍ଚାୟତଠାରୁ ଆରମ୍ଭ କରି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ଜିଲାପାଳଙ୍କୁ ଅଭିଯୋଗ ପରେ ମଧ୍ୟ କୌଣସି ସମାଧାନ ନ ହେବାରୁ ଲୋକମାନେ ରାସ୍ତାରେ ହାଣ୍ଡି ମାଠିଆ ରଖି ଅବରୋଧ କରିଥିବା କହିଛନ୍ତି। ଖଜୁରିପଡା ବିଡିଓ ଜର୍ଜ ଡୁଙ୍ଗଡୁଙ୍ଗ, ସଦର ଥାନା ଅଧିକାରୀ ସିତାଂଶୁ ଶେଖର ମାନ୍ଧାତା, ସହକାରୀ ନିର୍ବାହୀଯନ୍ତ୍ରୀ ଦେବହରି ପ୍ରଧାନ, ସହକାରୀ ଯନ୍ତ୍ରୀ ତୀର୍ଥବାସୀ ପ୍ରଧାନ, ସ୍ଥାନୀୟ ସରପଞ୍ଚ ଦଶରଥ ଜାନୀ, ପ୍ରସନ୍ନ କୁମାର ସାହୁ, ସାମାଜିକକର୍ମୀ, ଯୁବକ ସଂଘ ସଭାପତି ସିଦ୍ଧାର୍ଥ ସାହୁ ଉପସ୍ଥିତ ରହି ଲୋକଙ୍କୁ ବୁଝାଶୁଝା କରି ସମାଧାନ ହେବା ପର୍ଯ୍ୟନ୍ତ ଟ୍ୟାଙ୍କରରେ ପାଣି ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବାପରେ ରାସ୍ତାରୋକୋ ହଟିଥିଲା।

# ସିମନବାଡ଼ିଠାରେ ସବ୍‌ଷ୍ଟେସନ ସ୍ଥାପନ କାର୍ଯ୍ୟ ବିଳମ୍ବ

ଦାରିଙ୍ଗବାଡି,୧୪।୬ (ଅରୁଣ ସାହୁ)

ବିଦ୍ୟୁତ୍ ସମସ୍ୟାର ସମାଧାନ ପାଇଁ ରାଜ୍ୟ ସରକାର ଅନେକ ଯୋଜନା କରିଛନ୍ତି। ହେଲେ ସେଗୁଡିକ ଠିକ୍ ଭାବେ ସମୀକ୍ଷା ହେଉ ନ ଥିବା ବେଳେ ଅନେକ କେବଳ ଯୋଜନାରେ ସୀମିତ ହୋଇ ଅଟକିଯାଉଛି। ୨୦୧୪/୧୫ ଆର୍ଥିକ ବର୍ଷରେ ବିଦ୍ୟୁତ୍ ସମସ୍ୟାର ସମାଧାନ ପାଇଁ କନ୍ଧମାଳ ପ୍ରଶାସନ ପକ୍ଷରୁ ସିମନବାଡିଠାରେ ଏକ ସବ୍‌ଷ୍ଟେସନ ସ୍ଥାପନ ପାଇଁ ଯୋଜନା କରାଯାଇଥିଲା। ଏଥିପାଇଁ ସେହି ସମୟରେ ଜିଲା ପ୍ରଶାସନ ସବ୍‌ଷ୍ଟେସନ ସ୍ଥାପନ ଲାଗି ଏକ ସରକାରୀ ଜମି ମଧ୍ୟ ଯୋଗାଇ ଦେଇଥିଲା। ହେଲେ କୌଣସି କାରଣରୁ ପ୍ରଥମ ପର୍ଯ୍ୟାୟରେ ସିମନବାଡିଠାରେ ହେବାକୁ ଥିବା ଏହି ସବ୍‌ଷ୍ଟେସନ ହୋଇପାରି ନ ଥିଲା। ଯାହାକି ଏକ ଦଶନ୍ଧି ବିତିଯାଇଥିଲେ ସୁଦ୍ଧା ସବ୍‌ଷ୍ଟେସନ ସୁବିଧାରୁ ସିମନବାଡି ଫିଡର ଉପରେ ନିର୍ଭର କରୁଥିବା

## ହଟହଟା ହେଉଛନ୍ତି ହଜାର ହଜାର ଉପଭୋକ୍ତା



ନିର୍ମାଣାଧୀନ ସବ୍‌ଷ୍ଟେସନ ।

ଏକାଧିକ ପଞ୍ଚାୟତର ହଜାର ହଜାର ଉପଭୋକ୍ତା ବଞ୍ଚିତ ଅଛନ୍ତି। ଫଳରେ ବିଦ୍ୟୁତ୍ ବିଭ୍ରାଟ ଏବେ ସବୁଠାରୁ ବଡ଼ ସମସ୍ୟା ଭାବେ ଉଭାହୋଇଛି। ପ୍ରକାଶ ଯେ, ସରକାର ଯୋଜନା କରିବାର ଦୀର୍ଘ ଏକ ଦଶନ୍ଧି ପରେ ସିମନବାଡିଠାରେ ସବ୍‌ଷ୍ଟେସନ କାର୍ଯ୍ୟ ଗତ ଡିସେମ୍ବର ଶେଷ ସମୟରେ ଆରମ୍ଭ କରାଯାଇଥିଲା। ଏବେ ସୁଦ୍ଧା ଟ୍ରାନ୍ସଫର୍ମର ସମେତ ବିଭିନ୍ନ ବିଦ୍ୟୁତ୍ ସରଞ୍ଜାମ ପହଞ୍ଚିଥିଲେ ସୁଦ୍ଧା କନ୍‌ଷ୍ଟ୍ରକ୍ସନ କାର୍ଯ୍ୟରେ ଅହେତୁକ ବିଳମ୍ବ ଯୋଗୁ ସରଞ୍ଜାମ ସମେତ ଟ୍ରାନ୍ସଫର୍ମର ଅଣାଯାଇ ପଡି ରହିଛି। କାର୍ଯ୍ୟ କେବେ ଆରମ୍ଭ ହେବା କଥା ଓ ସରିବା ସମୟ ସୀମା ଓ ପ୍ରକଳ୍ପର ମୂଲ୍ୟ ସମ୍ପର୍କରେ ଠିକା ସଂସ୍ଥା ପକ୍ଷରୁ କାର୍ଯ୍ୟସ୍ଥଳରେ କୌଣସି ସୂଚନା ଫଳକ ନ ଥିବାରୁ ଉପଭୋକ୍ତାମାନେ ଜାଣିପାରୁନାହାନ୍ତି। ଏଥିପାଇଁ ଜନଅସନ୍ତୋଷ ବୃଦ୍ଧିପାଇଛି। ଅଞ୍ଚଳର ଉପଭୋକ୍ତାମାନେ ଠିକା ସଂସ୍ଥାର କର୍ମଚାରୀ, ଇଞ୍ଜିନିୟରଙ୍କୁ ଏ ନେଇ ପଚାରିଲେ କୌଣସି ଉତ୍ତର ଦେଇପାରିବୁନି ବୋଲି କହୁଥିବା ବେଳେ ସେପ୍ଟେମ୍ବର ସୁଦ୍ଧା କାର୍ଯ୍ୟ ଶେଷ ହେବା ସମ୍ଭାବନା ରହିଥିବା କହିଛନ୍ତି। ତେବେ ଠିକା ସଂସ୍ଥାର ପ୍ରକଳ୍ପ ଅଧିକାରୀ ବିକାଶ ପଣ୍ଡାଙ୍କ ସହ ଯୋଗାଯୋଗ କରାଯିବାରୁ ସେ ବିଭିନ୍ନ କାରଣରୁ କାର୍ଯ୍ୟ ବିଳମ୍ବରେ ଆରମ୍ଭ ହୋଇଥିଲା ଓ ଆସନ୍ତା ଜାନୁୟାରୀ ପୂର୍ବରୁ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଯିବ ବୋଲି କହିଛନ୍ତି। ବିଭାଗ ପକ୍ଷରୁ କୌଣସି ନିର୍ଦ୍ଦେଶ ନ ଥିବାରୁ ଠିକାସଂସ୍ଥା ପକ୍ଷରୁ ସୂଚନା ଫଳକ ନିର୍ମାଣ କରାଯାଇ ନ ଥିବା ସେ କହିଛନ୍ତି। ତେବେ ଠିକାସଂସ୍ଥାର କାର୍ଯ୍ୟରତ କର୍ମଚାରୀଙ୍କ ଉତ୍ତରରେ ତାଳମେଳ ରହୁ ନ ଥିବାରୁ ସବ୍‌ଷ୍ଟେସନ କାର୍ଯ୍ୟ ଶୀଘ୍ର ଶେଷ ହେବା ନେଇ ଆଶଙ୍କା ଦେଖାଯାଉଛି।

# ପହିଲି ରଜରେ ପ୍ରତିଯୋଗିତା



ଦିବ୍ୟାଙ୍ଗ ମହିଳା ଦୋଳି ଖେଳୁଛନ୍ତି।



ଚନ୍ଦନ ନଗର ବସ୍ତିରେ ରଜ ଉତ୍ସବ।

ବ୍ରହ୍ମପୁର,୧୪।୬(ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ସହରର ବିଭିନ୍ନ ସାହି ଓ ବସ୍ତିରେ ଶୁକ୍ରବାର ହସ ଉଲ୍ଲାସର ସହ ପହିଲି ରଜ ପାଳିତ ହୋଇଯାଇଛି। ବ୍ରହ୍ମପୁରରେ ଏହା କମ୍ ପାଳନ ହେଉଥିଲେ ବି କେତେକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପରମ୍ପରାକୁ ବଜାୟ ରଖିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି। ବହୁ ଅନୁଷ୍ଠାନ ପକ୍ଷରୁ ସହରରେ ରହିଥିବା ବିଭିନ୍ନ ବସ୍ତି ଓ ଆଶ୍ରମଗୁଡିକରେ ରଜ ଉତ୍ସବ ପାଳନ କରିଛନ୍ତି।

ସାତ୍ୱିକ ସୋଲ ଫାଉଣ୍ଡେଶନ ପକ୍ଷରୁ ଚନ୍ଦନ ନଗର ବସ୍ତିଠାରେ ପହିଲି ରଜ ପାଳନ କରାଯାଇଛି। ସଂଘର ଜିଲା ସଂଯୋଜକ ଭାରତ ଗୌରବ ଦାଶ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ସଂଘ ପକ୍ଷରୁ ଚନ୍ଦନ ନଗର ବସ୍ତିରେ ଛୋଟ ଛୋଟ ଶିଶୁଙ୍କଠାରୁ ଆରମ୍ଭ କରି ମହିଳାଙ୍କ ଗହଣରେ ରଜକୁ ଧୁମ ଧାମରେ ପାଳନ କରାଯାଇଥିଲା। ଏଥିସହ ଶିଶୁଙ୍କୁ ରଜ ପାଳନର ମହତ୍ତ୍ୱ ସଂପର୍କରେ ଅବଗତ କରାଯାଇଥିଲା। ଏହି ଅବସରରେ ପୁଚି ଖେଳ, ହୁଳହୁଳି, ଅଳତା ଲଗାଇବା ଭଳି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ରଜ କିଭଳି ସୁରକ୍ଷିତ ଭାବେ ପାଳନ କରିବେ ଓ ଝିଅ ମାନଙ୍କ ପାଇଁ ଶିକ୍ଷା କେତେ ଜରୁରୀ ସେ ସଂପର୍କରେ କୁହାଯାଇଥିଲା। ଅତିଥି ରୂପେ ୩୮ନଂ ୱାର୍ଡ କର୍ପୋରେଟର ବନିତା ସାହୁ, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ମଞ୍ଜୁବାଳା ଦାସ, ଲେଖିକା ସସ୍ମିତା ମିଶ୍ର ଓ କେ ପ୍ରେମା ଉପସ୍ଥିତ ରହି ଶିଶୁଙ୍କୁ ଉତ୍ସାହିତ କରିବା ସହ ସମସ୍ତଙ୍କୁ ଉପହାର ପ୍ରଦାନ କରିଥିଲେ। ଏଥିସହ ସଂଘ ପକ୍ଷରୁ ଗୋସାଣୀ ନୂଆଗାଁ ବସ୍ତିରେ ମଧ୍ୟ ରଜ ଉତ୍ସବ ପାଳନ ସହ ଛୋଟ ଶିଶୁଙ୍କୁ ଉପହାର ଓ ମିଠା ବଣ୍ଟନ କରାଯାଇଥିଲା।

**■ଦିବ୍ୟାଙ୍ଗ ଖେଳିଲେ ଦୋଳି**

**■ବସ୍ତିରେ ଶିଶୁଙ୍କୁ ଉପହାର ବଣ୍ଟନ**

ଅନ୍ଧପସରା ରୋଡ ସ୍ଥିତ ଓଡିଶା ସର୍ଭିସ ସେଣ୍ଟର ଫର ଦିବ୍ୟାଙ୍ଗ ପିପୁଲ ପରିସରରେ ରଜ ଉତ୍ସବ ମହାଆଡମ୍ବରରେ ପାଳିତ ହୋଇଯାଇଛି। ଦିବ୍ୟାଙ୍ଗ ଦୃଷ୍ଟି ବାଧିତ ଝିଅମାନେ ନୂତନ ବସ୍ତ୍ର ପରିଧାନ ସହ ଅଳତା, ମେହେନ୍ଦୀ ଲଗାଇ ଦୋଳି ଖେଳି ନାଚ ଗୀତରେ ରଜ ପାଳନ କରିଥିଲେ। ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ପ୍ରକାର ସୁସ୍ୱାଦୁ ପିଠା, ମିଠା ଓ ପଣା ବଣ୍ଟନ କରାଯାଇଥିଲା। ମୁଖ୍ୟ ଅତିଥି ରୂପେ ବ୍ରହ୍ମପୁର ବିଧାୟକ କେ.ଅନିଲ କୁମାର, ବିଏମସି ମେୟର ସଂଘମିତ୍ରା ଦଳେଇ, ରାଜ୍ୟ କାଜୁ ନିଗମ ଉନ୍ନୟନ ନିଗମ ପୂର୍ବତନ ଅଧ୍ୟକ୍ଷ ସୁବାଷ ମହାରଣା, ଅଲ ଓଡିଶା କିନ୍ନର ସମାଜ ସଭାପତି ସୁଇଟି ସାହୁ, ଅନୁଷ୍ଠାନର ମୁଖ୍ୟ ପରିଚାଳକ ଭବାନୀ ଶଙ୍କର ପାଢି, ଡ.ଜୟନ୍ତୀ ରାଓଙ୍କ ସମେତ ଅନୁଷ୍ଠାନର ବହୁ ସଦସ୍ୟାସଦସ୍ୟ ଉପସ୍ଥିତ ରହି ଦିବ୍ୟାଙ୍ଗଙ୍କ ସହ ରଜ ଉତ୍ସବ ପାଳନ କରିଥିଲେ। ମୁଖ୍ୟ ଅତିଥି ଅନୁଷ୍ଠାନର ଦିବ୍ୟାଙ୍ଗଙ୍କ ସେବା କାର୍ଯ୍ୟରେ ଆବଶ୍ୟକୀୟ ସାହାର୍ଯ୍ୟ ସହଯୋଗ ପ୍ରଦାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। କିନ୍ନର ସମାଜ ସଭାପତିଙ୍କୁ ଅନୁଷ୍ଠାନ ପକ୍ଷରୁ ଦିବ୍ୟାଙ୍ଗ ବନ୍ଧୁ ରୂପେ ସମ୍ବର୍ଦ୍ଧନା ପତ୍ର ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ସଂପାଦକ ଧନ୍ୟବାଦ ଦେଇଥିଲେ। ସେହିଭଳି କେତେକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ କିଏ ହେବ ରଜ ସୁନ୍ଦରୀ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ ମହିଳା ଭାଗ ନେଇଥିବା ବେଳେ ବିଜୟୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ସଂକ୍ଷେପରେ

### ୱାରେଣ୍ଟ ବଳରେ ଯୁବକ ଗିରଫ

ବ୍ରହ୍ମପୁର,୧୪।୬ (ସୁବାସ ଚନ୍ଦ୍ର ପାଢ଼ୀ)

ବଡବଜାର ଥାନା ପୋଲିସ ଜାମିନ ବିହୀନ ଗିରଫ ପରୱାନା (ଏନବିଡବ୍ଲୁ)ବଳରେ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ କପିଳେଶ୍ୱର ମନ୍ଦିର ନିକଟ ଧୋବା ସାହିର ଅମିର ସାହୁ(୨୭)। ଏସଟି ୫/୨୪ରେ ତାଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଛି। ୨୦୨୩ ସେପ୍ଟେମ୍ବରରେ ଜଣେ ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ବଳାତ୍କାର ହୋଇଥିଲା। ଏନେଇ ଯୁବତୀ ଜଣକ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ.୧୫୮/୨୩ରେ ମାମଲା ରୁଜୁ କରି ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସେ ଜାମିନରେ ଆସିଥିବାବେଳେ କୋର୍ଟରେ ବିଚାର ବେଳେ ହାଜର ହୋଇ ନ ଥିଲେ। ତେଣୁ କୋର୍ଟ ତାଙ୍କ ବିରୋଧରେ ଏନବିଡବ୍ଲୁ ଜାରି କରିଥିଲେ। ଗୁରୁବାର ରାତିରେ ଅମୀର ଘରେ ଥିବା ବେଳେ ଗିରଫ କରାଯାଇଥିଲା ବୋଲି ଥାନାଧିକାରୀ ପ୍ରଶାନ୍ତ ମଲ୍ଲିକ କହିଛନ୍ତି।

### ରଜ ପର୍ବରେ ବୁଗୁଡ଼ା ଉତ୍ସବ ମୁଖର

ବୁଗୁଡ଼ା,୧୪।୬(କାଳିଚରଣ ଦାଶ): ମାତୃଜାତି ମଧ୍ୟରେ ଉତ୍ସାହ, ଉନ୍ମାଦନା ଓ ନୂତନ ଶକ୍ତି ଜାଗ୍ରତ କରିବା ପାଇଁ ତିନି ଦିନ ଧରି ପାଳନ କରାଯାଉଥିବା ରଜପର୍ବର ପହିଲି ଦିବସରେ ବୁଗୁଡ଼ା ଅଞ୍ଚଳ ଉତ୍ସବମୁଖର ହୋଇଉଠିଛି। ଗତବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବୁଗୁଡ଼ାର ଗ୍ରାମାଞ୍ଚଳ ସାଙ୍ଗକୁ ସହରାଞ୍ଚଳ ମଧ୍ୟ ଉତ୍ସବମୁଖର ହୋଇଉଠିଛି। ଏହି ଅବସରରେ ଶିଶୁ ଠାରୁ ଆରମ୍ଭ କରି କୁଆଁରୀ ଓ ବିବାହିତା ଯୁବତୀମାନେ ନୂତନ ପୋଷାକ ପରିଧାନ କରି ସାଙ୍ଗସାଥିଙ୍କ ମେଳରେ ଗୀତ ଗାଇ ଦୋଳି ଖେଳର ଆନନ୍ଦ ଉପଭୋଗ କରିବା ସହ ପରସ୍ପରକୁ ବିଭିନ୍ନ ପ୍ରକାର ପିଠାପଣାରେ ଆପ୍ୟାୟିତ କରି ମଜା ନେଉଛନ୍ତି। ଏଥି ସହ ରଜ ମଉଜ କାଳରେ ମିଠା ପାନର ଚାହିଦା ବୃଦ୍ଧି ପାଇଥିବା ବେଳେ ବିଶେଷକରି ଗ୍ରାମାଞ୍ଚଳରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ କ୍ରୀଡା କୌତୁକର ଆସର ମଧ୍ୟ ଦେଖିବାକୁ ମିଳିଛି।

### ଗଛରେ ପିଟିହେଲା ବସ୍, ୧୫ରୁ ଊର୍ଦ୍ଧ୍ୱ ଆହତ



ବୋଲଗୁଣ୍ଡା,୧୪।୬(କୃଷ୍ଣଚନ୍ଦ୍ର ପଟ୍ଟନାୟକ): ଗଞ୍ଜାମ ଜିଲା ବେଲଗୁଣ୍ଠା ନିକଟରେ ଭୁବନେଶ୍ୱରରରୁ ବାଲିଗୁଡା ଯାଉଥିବା ଓଏସଆରଟି ବସ୍ (ନଂ. ଓଡି ୦୫ ବିସି ୪୧୯୮) ଶୁକ୍ରବାର ରାତି ପ୍ରାୟ ୯ଟା ୪୫ରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଚାଳକଙ୍କ ସମେତ ୧୫ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି। ବେଲଗୁଣ୍ଠା ଥାନା ଅଧିକାରୀ ବନବିହାରୀ ପ୍ରଧାନଙ୍କ ଉପସ୍ଥିତିରେ ପୋଲିସ, ଅଗ୍ନିଶମ ବାହିନୀ ଏବଂ ସ୍ଥାନୀୟ ବ୍ୟକ୍ତି ଆହତଙ୍କୁ ଉଦ୍ଧାର କରି ୨ଟି ଆମ୍ବୁଲାନ୍ସ ଏବଂ ଅଟୋ ସାହାଯ୍ୟରେ ଭଞ୍ଜନଗର ମେଡିକାଲକୁ ପଠାଇଛନ୍ତି।

୫୦ରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କୁ ନେଇ ଯାଉଥିବା ବସ୍‌ଟି ବେଲଗୁଣ୍ଠା-ବାଣଭୁମ୍ବ ମଝିରେ ପାନକୀଆରୀ ନିକଟରେ ରାସ୍ତା ପାର୍ଶ୍ୱରେ ଥିବା ଏକ ବଡ଼ କାକପୋଇ ଗଛକୁ ବାଡେଇ ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

### ବିଧାୟକ ଉଦ୍‌ଘାଟନ କଲେ ରଜ ପର୍ବ

ଚକାପାଦ,୧୪।୬(ପ୍ରତାପ କିଶୋର ବେହେରା/ଟିକାବାଲି, (ଗଗନ ବିହାରୀ ପଟ୍ଟନାୟକ)-ଚକାପାଦ ବିରୁପକ୍ଷା ମନ୍ଦିର ନିକଟରେ ରଜ ପର୍ବକୁ ୩ଦିନ ଧରି ପାଳନ କରିବା ପାଇଁ ଆୟୋଜନ ହେଇଛି। ବିଧାୟକ ଉମା ଚରଣ ମଲ୍ଲିକ ଏହାକୁ ଉଦ୍‌ଘାଟନ କରିଥିଲେ। ସେହିପରି ଟିକାବାଲିଠାରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ତରଫରୁ ଏବିଭିପିର ନଗର ସଭାପତି ସନ୍ତୋଷ କୁମାର ଦଳବେହେରାଙ୍କ ସଭାପତିତ୍ୱରେ ରଜ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ପ୍ରାଧାପକ ଦୀନବନ୍ଧୁ ମହାନ୍ତି ସ୍ୱାମୀ ବିବେକା ନନ୍ଦଙ୍କ ଫୋଟରେ ଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ମୁଖ୍ୟ ବକ୍ତା ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଦୀପ୍ତ ନାୟକ, ସମ୍ମାନିତ ଅତିଥି ଭାବେ ଉପଦେଷ୍ଟା ପ୍ରମୋଦ କୁମାର ପାଣିଗ୍ରାହୀ, ଶିକ୍ଷକ ଅରବିନ୍ଦ ମହାପାତ୍ର, ବୁଲୁଭାଇ, ଏବିଭିପିର ଗଞ୍ଜାମ, ଫୁଲବାଣୀର ସଂଯୋଜକ ରୁଦ୍ରପ୍ରସାଦ ଓ ଜିଲା ସଂଯୋଜିକ ସଞ୍ଜନା ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ନୃତ୍ୟ ପ୍ରତିଯୋଗିତା କରାଯାଇଥିଲା।

# ଏମ୍‌ବିବିଏସ୍ ଛାତ୍ରଙ୍କ ମୋବାଇଲ, ଆଇପ୍ୟାଡ ଚୋରି ଘଟଣା, ସପ୍ତାହକ ପରେ ବି ମିଳୁନି ସୁରାକ

ବ୍ରହ୍ମପୁର,୧୪।୬(ସୁବାସ ଚନ୍ଦ୍ର ପାଢ଼ୀ)

ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲ ହଷ୍ଟେଲ କୋଠରୀରୁ ଏମବିବିଏସ ଛାତ୍ରଙ୍କ ମୋବାଇଲ ଫୋନ୍ ଓ ଆଇପ୍ୟାଡ ଚୋରି ଘଟଣାର ୭ଦିନ ବିତିଥିଲେ ବି ପୋଲିସ ଏଯାଏଁ କାହାକୁ ଧରିପାରିନାହିଁ। ମେଡିକାଲ କ୍ୟାମ୍ପସ ପରିସରରେ ଥିବା ପୁରୁଷ ଛାତ୍ରାବାସ-୪ରେ ଏମବିବିଏସ ଛାତ୍ରମାନେ ରହୁଛନ୍ତି। ଗତ ୬ ତାରିଖ ରାତିରେ ହଷ୍ଟେଲ ଛାତ୍ରମାନେ ନିଜ ନିଜ କାମ ସାରି ଶୋଇଥିଲେ। ସକାଳୁ ଉଠି ଦେଖିବା ବେଳେ ୫ଟି କୋଠରୀରୁ ଏକାଧିକ ଛାତ୍ରଙ୍କ ୫ଟି ଆଇ-ଫୋନ, ୨ ଟି ଆଇ ପ୍ୟାଡ, କ୍ୟାମେରା ଓ କିଛି ଟଙ୍କା ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଖୋଜାଖୋଜି କରି ନ ପାଇବାରୁ ଛାତ୍ରମାନେ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ। ହଷ୍ଟେଲରେ ଲାଗିଥିବା ସିସିଟିଭି କ୍ୟାମେରା ଯାଞ୍ଚ ବେଳେ ତାହା ଅଚଳ ଜଣାପଡିଥିଲା। ତେବେ ଚୋରି ପୂର୍ବରୁ ଧରାପଡିଯିବା ଭୟରେ ଚୋରମାନେ ପୂର୍ବରୁ ସିସିଟିଭି କ୍ୟାମେରାର ତାର କାଟି ଦେଇଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି। ହଷ୍ଟେଲର ବିଭିନ୍ନ କୋଠାରୀକୁ ସଫେଇ କର୍ମଚାରୀମାନେ ଯାତାୟାତ କରୁଥିଲେ ଏବଂ ସୁରକ୍ଷା କର୍ମୀ ମଧ୍ୟ ନିୟୋଜିତ ଥିଲେ। ତେଣୁ ସେମାନଙ୍କ ମଧ୍ୟରୁ କାହାର ହାତ ଥିବା ସନ୍ଦେହ କରାଯାଇ ସେମାନଙ୍କୁ ଥାନାକୁ ଡାକି ପୋଲିସ ଜେରା କରିଥିଲା। କିନ୍ତୁ ଏ ଯାଏଁ କାହାକୁ ପୋଲିସ ଧରିପାରିନାହିଁ।

# ପାନ୍ଥ ନିବାସରେ ରଜ ଉତ୍ସବ



ଅତିଥିମାନେ କାର୍ଯ୍ୟକ୍ରମ ଉଦଘାଟନ କରୁଛନ୍ତି।

ଗୋପାଳପୁର,୧୪।୬
(ନବୀନ ରାଜ ଆଚାରୀ)

ଶୁକ୍ରବାର ଗୋପାଳପୁର ପାନ୍ଥନିବାସରେ ପରିସରରେ ରଜ ମହୋତ୍ସବ ପାଳିତ ହୋଇଯାଇଛି। ଆୟୋଜିତ ମୁଖ୍ୟଅତିଥି ଭାବେ ଗୋପାଳପୁର ଏନଏସି ଅଧ୍ୟକ୍ଷ ଏ ଜାନକୀ ରାମ, ଉପାଧ୍ୟକ୍ଷ ବି ଉମା ଓ ଅନ୍ୟ ଅତିଥିମାନେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ତିନି ଦିନ ଧରି ଉତ୍ସବ ପାଳନ କରାଯିବ। ଏହି ଅବସରରେ ଏକ ସୁସଜ୍ଜିତ ଦୋଳି ପଡିଥିଲା। ପାନ୍ଥନିବାସ ମ୍ୟାନେଜର ବାପି ରଞ୍ଜନ ସାହୁ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ପରମ୍ପରା ଅନୁସାରେ ପୋଡପିଠା, ମଣ୍ଡା, କାକରା, ଆରିସା, ଛେନାପୋଡ଼ ଓ ଅନ୍ୟ ପ୍ରକାର ପିଠା ପରିବେଷଣ କରାଯାଇଥିଲା। ଏହି ଅବସରରେ ୱାର୍ଡ କାଉନସିଲର ଜି ମୋହନ ରାଓ, ବି ଗୋପାଳ କ୍ରିଷ୍ଣା, କଳ୍ପନା ବେହେରା, ନିର୍ମଳା କୁଜୁର, ସନତ ପଣ୍ଡା, ଓ ପର୍ଯ୍ୟଟକ ମାନେ ଉପସ୍ଥିତ ଥିଲେ।

# ହଳଦୀ ଯୋଗାଣ ନାଁରେ ୮୦ ଲକ୍ଷ ଠକେଇ

## ବୈଦ୍ୟନାଥପୁର ଥାନାରେ ଏତଲା ଦେଲେ ନାସିକର ବ୍ୟବସାୟୀ

ବ୍ରହ୍ମପୁର,୧୪।୬(ସୁବାସ ଚନ୍ଦ୍ର ପାଢ଼ୀ)

ହଳଦୀ ଯୋଗାଣ ନାଁରେ ୮୦ ଲକ୍ଷ ଟଙ୍କା ଠକେଇ ହୋଇଛି। ନାସିକର ଜଣେ ବ୍ୟବସାୟୀ ଏ ନେଇ ବୈଦ୍ୟନାଥପୁର ଥାନାରେ ଏତଲା ଦେଇଛନ୍ତି। ବ୍ରହ୍ମପୁରରୁ ମୁମ୍ବାଇର ଥାନେକୁ ହଦଳୀ ଯୋଗାଣ ନାଁରେ ବ୍ରହ୍ମପୁର ଅଞ୍ଚଳର ଜଣେ ବ୍ୟବସାୟୀ ଓ ତାଙ୍କ ସହଯୋଗୀମାନେ ନାସିକର ବ୍ୟବସାୟୀ ଅମଜାଦ ବାବୁ ସାହାଙ୍କ ଠାରୁ ଏହି ଟଙ୍କା ଠକି ନେଇଛନ୍ତି। ପୋଲିସ ନଂ ୨୯୩/୨୪ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

ନାସିକର ବ୍ୟବସାୟୀ ଅମଜାଦ ବାବୁ ସାହାଙ୍କ ଏବିଏସ ଟ୍ରେଡର୍ସ ନାମକ ଏକ କମ୍ପାନୀ ରହିଛି । ନିଜ କମ୍ପାନୀ ଜରିଆରେ ସେ ଦେଶର ବିଭିନ୍ନ ସ୍ଥାନରୁ କୃଷିଜାତ ଦ୍ରବ୍ୟ ସଂଗ୍ରହ କରି ଅର୍ଡର ମୁତାବକ ବିଭିନ୍ନ କମ୍ପାନୀକୁ ଯୋଗାଣ କରୁଛନ୍ତି । ଗତ ମାସରେ ଅମଜାଦଙ୍କ କମ୍ପାନୀକୁ ଥାନେ ଅଞ୍ଚଳରେ ଥିବା ପ୍ରିୟଙ୍କା ଏକ୍ସପର୍ଟ ନାମକ ଏକ କମ୍ପାନୀରୁ ୧୨୦ ମେଟ୍ରିକ ଟନ ହଳଦୀ ଯୋଗାଣ ପାଇଁ ଅର୍ଡର ମିଳିଥିଲା। ହଳଦୀ ସଂଗ୍ରହ କରିବାକୁ ଚେଷ୍ଟା ଚଳାଇଥିବା ଅମଜାଦ ଏହି ବ୍ୟବସାୟରେ ସଂପୃକ୍ତ ଥିବା ବାଙ୍ଗଲାଦେଶର ସୌରଭ ଘୋଷ ଓରଫ ଗୁରୁଚାନ୍ଦ ବିଶ୍ୱାସ ନାମକ ଜଣେ ବ୍ୟକ୍ତିଙ୍କ ବିଷୟରେ ଜାଣିବାକୁ ପାଇଥିଲେ। ଅମଜାଦଙ୍କ କମ୍ପାନୀର ଏଜେଣ୍ଟ ସାନ୍ତୁନୁ ନାଗ ଓ ରାକେଶ ମଣ୍ଡଳଙ୍କ ଜରିଆରେ ସେ ସୌରଭଙ୍କ ସହ ଯୋଗାଯୋଗରେ ଆସିଥିଲେ। ବ୍ରହ୍ମପୁରରେ ରହୁଥିବା ସୌରଭଙ୍କ ସହ ମିଶିବା ପାଇଁ ବ୍ୟବସାୟୀ ଅମଜାଦ ଆସିଥିଲେ। ଏହା ପରେ ସୌରଭ ତାଙ୍କୁ ବ୍ରହ୍ମପୁରର ଲୋକାଲ ବ୍ୟବସାୟୀ ତଥା ବ୍ରହ୍ମପୁର ଖୋଡାସିଂ ଠାରେ ଥିବା ୟୁନିଭର୍ସାଲ ଏଗ୍ରୋ ଇନୋଭେସନ କମ୍ପାନୀର ମାଲିକ ପ୍ରମୋଦ କୁମାର ମୁଖୀଙ୍କ ସହ ସାକ୍ଷାତ କରାଇଥିଲେ । ଏହି କମ୍ପାନୀରୁ ହଳଦୀ ଯୋଗାଣ ହେବ ବୋଲି ଅମଜାଦଙ୍କୁ କୁହାଯାଇଥିବା ବେଳେ ଶୋଭନ ପାତ୍ର ନାମକ ଜଣେ ବ୍ୟକ୍ତିଙ୍କ ହଳଦୀ ଗୋଦାମରେ ମହଜୁଦ ଅଛି ବୋଲି କୁହାଯାଇଥିଲା । ସେହିକ୍ରମରେ ଅମଜାଦ ଉକ୍ତ ଗୋଦାମକୁ ଯାଇ ହଳଦୀ ଯାଞ୍ଚ କରିଥିଲେ । ଏହାପରେ ଅମଜାଦ ଗତ ୧୮ ତାରିଖରୁ ଚଳିତ ମାସ ୧୧ ତାରିଖ ଭିତରେ ପ୍ରମୋଦ କୁମାର ମୁଖୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ମୋଟ ୮୦ ଲକ୍ଷ ଟଙ୍କା ପଠାଇଥିଲେ । ଚଳିତମାସ ୧୧ ତାରିଖରେ ୧୨୦ ମେଟ୍ରିକ ଟନ ଏଠାରୁ ଟ୍ରକ ଯୋଗେ ପଠାଇ ଦିଆଯିବ ବୋଲି ଅମଜାଦଙ୍କୁ କୁହାଯାଇଥିଲା । ଏପରିକି ଅମଜାଦ ମଝିରେ ମଝିରେ ବ୍ରହ୍ମପୁର ଆସି ସାମଗ୍ରୀର ଉପଲବ୍ଧତା ବିଷୟରେ ଯାଞ୍ଚ କରୁଥିଲେ । ୧୧ ତାରିଖ ଟ୍ରକରେ ହଳହୀ ଲୋଡ ହୋଇଯାଇଥିବା ନେଇ ଅମଜାଦଙ୍କ ନିକଟକୁ ଭିଡିଓ ମଧ୍ୟ ପଠାଯାଇଥିଲା। ହେଲେ ଲୋଡ ହେବାର ଏକାଧିକ ଦିନ ପରେ ତାଙ୍କ ନିକଟରେ ଜିନିଷ ନ ପହଞ୍ଚିବାରୁ ସେ ବାରମ୍ବାର ଯୋଗାଯୋଗ କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ । ଏପରିକି ୮୦ ଲକ୍ଷ ଟଙ୍କା ନେଇ ଉପରୋକ୍ତ ହଳଦୀ ଯୋଗାଣକାରୀମାନେ ଫେରାର ହୋଇଯାଇଥିବା ଜାଣିବା ପରେ ଅମଜାଦ ଘଟଣା ସମ୍ପର୍କରେ ବୈଦ୍ୟନାଥପୁର ଥାନାରେ ଏତଲା ଦେଇଛନ୍ତି।

# ମହିଳାଙ୍କ ସୁନାଚୋରି ମାମଲା, ଅଭିଯୁକ୍ତ ନିର୍ଦ୍ଦୋଷ

ବ୍ରହ୍ମପୁର,୧୪।୬(ସୁବାସ ଚନ୍ଦ୍ର ପାଢ଼ୀ): ବ୍ରହ୍ମପୁର ଅତିରିକ୍ତ ଜିଲା ଜଜ-(ଏଡିଜେ)୧ ଡ଼. ଇନ୍ଦୁ ଶର୍ମା ସୁନା ଚୋରି ସହ ଜାତିଆଣ ମନ୍ତବ୍ୟ ମାମଲାର ରାୟ ପ୍ରକାଶ କରିଛନ୍ତି। ପ୍ରମାଣ ଅଭାବରୁ ସେ ଅଭିଯୁକ୍ତ ସଦର ଥାନା ଅନ୍ତର୍ଗତ ଲାଠୀ ଗ୍ରାମର ସୂର୍ଯ୍ୟନାରାୟଣ ବେହେରା ଓରଫ ରିଙ୍କୁନ (୨୪)ଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ୨୦୨୨ରେ ରିଙ୍କୁନ ଜଣେ ମହିଳାଙ୍କୁ ଅସଦାଚରଣ କରିବା ସହ ତାଙ୍କ ସୁନା ଚୋରି କରିଥିଲେ। ଏପରିକି ମହିଳାଙ୍କୁ ଜାତିଆଣ କଟୁ ମନ୍ତବ୍ୟ ଦେବା ସହ ମାରପିଟ କରିଥିଲେ। ଏ ନେଇ ପୀଡ଼ିତା ମହିଳାଙ୍କ ଅଭିଯୋଗକ୍ରମେ ପୋଲିସ ନଂ.୪୧୬/୨୨ରେ ଏକ ମାମଲା ରୁଜୁ କରିଥିଲା। ଅଭିଯୁକ୍ତ ହାଇକୋର୍ଟରୁ ଜାମିନ ପାଇ ବ୍ରହ୍ମପୁର ସ୍ଥିତ ଜିଲା ଦୌରା ଜଜ କୋର୍ଟରେ ଆତ୍ମସମର୍ପଣ କରି ଜାମିନରେ ଯାଇଥିଲେ। ମାମଲା ଏଡିଜେ-୧ କୋର୍ଟରେ ବିଚାର ଚାଲିଥିବା ବେଳେ ୫ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ମୁଦାଲାଙ୍କ ପକ୍ଷରୁ ସୁରେନ୍ଦ୍ର ବେହେରା ଓ ପଓନ କୁମାର ମକଦ୍ଦମା ପରିଚାଳନା କରୁଥିଲେ।

# ଶିକ୍ଷକ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ





କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ବ୍ରହ୍ମପୁର,୧୪।୬
(ସ୍ୱାଧୀନ ଶେଖର ପାଢ଼ୀ)

ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନ ଓଡିଶା ପକ୍ଷରୁ ଶିକ୍ଷକ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଛି। ସ୍ଥାନୀୟ ବାସୁଦେବ ନଗର ମା'ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦର ପରିସରରେ ଏହା ୪ ଦିନ ଧରି ଚାଲିଥିଲା। ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନ ଓଡିଶାର ସଭାପତି କମଳାକାନ୍ତ ଦାସ ମହାରାଜ, ସାଧାରଣ ସମ୍ପାଦକ ରଞ୍ଜନ କୁମାର ସାହୁ, ରାଜ୍ୟ ସାଧନ କର୍ମୀ ବର୍ଗାଧିକାରୀ ଉଷାରାଣୀ ତ୍ରିପାଠୀ, ବର୍ଗ ସଂଯୋଜିକା ସୁକାନ୍ତି ଶତପଥି, କାର୍ଯ୍ୟାଳୟ ସମ୍ପାଦକ ପ୍ରକାଶ ଚନ୍ଦ୍ର ବିଷୋୟୀ, ଶିଶୁ ମନ୍ଦିରର ଉପସଭାପତୀ ବିଶ୍ୱମ୍ବର ପଣ୍ଡା ଆଚାର୍ଯ୍ୟାଆଚାର୍ଯ୍ୟଙ୍କୁ ମାର୍ଗଦର୍ଶନ କରିଥିଲେ। ହୃଷୀକେଶ ପାହାଡି, ମୃତ୍ୟୁଞ୍ଜୟ ଖାଡଙ୍ଗା ଓ ସତ୍ୟ ନାରାୟଣ ଦାସ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

# ଗୋଷ୍ଠୀଗତ ଗବେଷଣାକୁ ପ୍ରୋତ୍ସାହନ



ସୂଚନା ପୁସ୍ତିକାକୁ ଉନ୍ମୋଚନ କରାଯାଉଛି।

ବ୍ରହ୍ମପୁର,୧୪।୬
(ସ୍ୱାଧୀନ ଶେଖର ପାଢ଼ୀ)

: ଗୋଷ୍ଠୀଗତ ଗବେଷଣା ଓ ଅନୁସନ୍ଧାନକୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରୋତ୍ସାହନ ଦିଆଯାଉଛି। ଏନେଇ ବହୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ଏ ସଂକ୍ରାନ୍ତରେ ଏକ ଗବେଷଣା ପ୍ରଗୋଷ୍ଠୀ @ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କମ୍ପେଣ୍ଡିଅମ ଏବଂ ଆର ଆଣ୍ଡ ଡି ସେଲର ସୂଚନା ପୁସ୍ତିକାକୁ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୀତାଞ୍ଜଳି ଦାସ ଉନ୍ମୋଚନ କରିଛନ୍ତି। ଏ ପ୍ରକଳ୍ପ ସମୂହ ଗବେଷଣା କ୍ଷେତ୍ରର ମାନ ବୃଦ୍ଧି ନିମନ୍ତେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅଙ୍ଗୀକାରବଦ୍ଧ ଅଛନ୍ତି ବୋଲି ଉନ୍ମୋଚନ କାର୍ଯ୍ୟକ୍ରମରେ କୁହାଯାଇଛି। ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ସଚ୍ଚିଦାନନ୍ଦ ନାୟକ, ଆର ଆଣ୍ଡ ଡି ସେଲର ନିର୍ଦ୍ଦେଶକ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ, ସଦସ୍ୟ ମନମୋହନ ବେହେରା, ଉଜ୍ଜ୍ୱଳବତୀ ନାୟକ ଓ ଗୌରବ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ମାଛ ବଜାର ପିଣ୍ଡିରୁ ଯୁବକଙ୍କ ମୃତଦେହ ଜବତ

ବ୍ରହ୍ମପୁର,୧୪।୬
(ସୁବାସ ଚନ୍ଦ୍ର ପାଢ଼ୀ)

ବଡବଜାର ଥାନା ପୋଲିସ ଗୁରୁବାର ଅପରାହ୍ଣରେ ବିଜୁ ପଟ୍ଟନାୟକ ପାର୍କ ନିକଟ ମାଛ ବଜାର ପିଣ୍ଡିରୁ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ମୃତକ ହେଲେ କେ.କ୍ରିଷ୍ଣା ପଟ୍ଟନାୟକ(୪୮) । ତାଙ୍କ ଘର ଗୋଷାଣୀନୂଆଗାଁ ଥାନା ଅନ୍ତର୍ଗତ ଶାସ୍ତ୍ରୀନଗର ପ୍ରଥମ ଗଳି। ମୃତଦେହ ସଂରକ୍ଷଣ ଗୃହରେ ରଖାଯାଇଛି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମାତ୍ରାଧିକ ଗରମରୁ ଅଂଶୁଘାତରେ ଯୁବକଙ୍କ ମୃତ୍ୟୁ ଘଟିଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଗୁରୁବାର ସାଢ଼େ ୪ଟା ବେଳେ ଉକ୍ତ ପିଣ୍ଡିରେ ଜଣେ ଯୁବକ ମରିପଡିଥିବା ପୋଲିସ ଖବର ପାଇ ସେଠାରେ ପହଞ୍ଚିଥିଲା। ମୃତକଙ୍କ ପକେଟରୁ ମିଳିଥିବା ମୋବାଇଲ ଫୋନ୍‌ରୁ ତାଙ୍କ ପରିବାର ସହ ଯୋଗାଯୋଗ କରିଥିଲା। ସେ ଗାନ୍ଧୀନଗର ଅଞ୍ଚଳର ଏକ ଗାଡି ଗ୍ୟାରେଜରେ କାମ କରନ୍ତି। ପ୍ରତିଦିନ ଭଳି ସେ ଗୁରୁବାର କାମକୁ ଯାଇ ଘରକୁ ଫେରିନଥିଲେ ବୋଲି ମୃତଦେହ ଚିହ୍ନଟ କରିଥିବା ତାଙ୍କ ସ୍ତ୍ରୀ କେ.ସାବତ୍ରୀ ପଟ୍ଟନାୟକ କହିଛନ୍ତି।

# ଓଡିଆ ସାହିତ୍ୟକୁ ନୂଆ ଦିଗ ଦେଖାଇଥିଲେ ଫକୀର ମୋହନ



କାର୍ଯ୍ୟକ୍ରମରେ ଉପସ୍ଥିତ ସମିତିର ସଦସ୍ୟବୃନ୍ଦ।

ବ୍ରହ୍ମପୁର,୧୪।୬
(ସ୍ମୃତି ରଞ୍ଜନ ମହାଲିକ)

ପୂଜ୍ୟ ପୂଜା ସମିତି ପକ୍ଷରୁ ଶୁକ୍ରବାର କଥା ସାହିତ୍ୟର ସମ୍ରାଟ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ୧୦୬ତମ ତିରୋଧାନଦିବସ ଏମ୍‌କେସିଜି ମେଡିକାଲ ପରିସରରେ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଏକ ସଭାରେ ଓମ ଲାଫିଙ୍ଗ କ୍ଲବର ସଭାପତି ଦେବରାଜ ଦାଶ ସଭାପତିତ୍ୱ କରିଥିଲେ। ସଭାରେ ଫକୀର ମୋହନଙ୍କ ଜୀବନୀ ସଂପର୍କରେ ଆଲୋଚନା ହୋଇଥିଲା। ଫକୀର ମୋହନ ଓଡିଆ ସାହିତ୍ୟକୁ ଏକ ନୂଆ ଦିଗ ଦେଇଥିଲେ। ସେ ହିଁ ଓଡିଆ ସାହିତ୍ୟର ପ୍ରଥମ ଉପନ୍ୟାସ ଛଅ ମାଣ ଆଣ୍ଠ ଗୁଣ୍ଠ, ପ୍ରଥମ ଜୀବନୀ ଆତ୍ମ ଚରିତ, ପ୍ରଥମ ଗଳ୍ପ ରେବତୀ ଓ କବିତା ସମୂହ ରଚନା କରିଛନ୍ତି। ଏଥିସହ ଜମିଦାରଙ୍କ ଅତ୍ୟାଚାର, ମଠାଧୀଶ ବାବାଙ୍କ ଭାଣ୍ଡାମୀ, ବ୍ୟଭିଚାର, ଗୁଣିଗାରେଡି, ଝଡ଼ାଫୁଙ୍କା ଦ୍ୱାରା ଠକାମୀ, ସମାଜର ବଡ ପଣ୍ଡା ଦ୍ୱାରା ନିର୍ଯାତିତା ବିଧବାର ଯନ୍ତ୍ରଣା, ମରହଟ୍ଟା ଓ ବର୍ଗୀଙ୍କ ଉତ୍ପାତ ବିରୋଧରେ ଫକୀର ମୋହନ ବହୁ ରଚନା ସୃଷ୍ଟି କରିଯାଇଛନ୍ତି। ଅନ୍ଧ ଧାର୍ମିକତା, କୁସଂସ୍କାରକୁ ସେ ଦୃଢ ସମାଲୋଚନା କରିଛନ୍ତି। ନାରୀ ଶିକ୍ଷା ଓ ସାମାଜିକ ଚଳଣିରେ ନାରୀଙ୍କ ଯନ୍ତ୍ରଣାକୁ ସେ ନିଜ ଗଳ୍ପ ମାଧ୍ୟମରେ ସମାଜର ଦୃଷ୍ଟିକୁ ଆଣିଛନ୍ତି। ନୀତି ନୈତିକତା, ରୁଚି ସଂସ୍କୃତି ଓ ମୂଲ୍ୟବୋଧ ଭିତ୍ତିରେ ସମାଜକୁ ଗଢିବା ପାଇଁ ଫକୀର ମୋହନ ବହୁ ସାହିତ୍ୟକୃତି ସୃଷ୍ଟି କରି ଯାଇଛନ୍ତି ବୋଲି ଉପସ୍ଥିତ ସଦସ୍ୟମାନେ ବକ୍ତବ୍ୟ ରଖିଥିଲେ। ସୁରେନ୍ଦ୍ର ନାଥ ପଣ୍ଡା, ଜଟେଶ୍ୱର ସାବତ, ରାମଚନ୍ଦ୍ର ସାହାଣୀ, ବି ଭଗବତୀ ରାଓ, ଡା ରାଜେନ୍ଦ୍ର କୁମାର ତ୍ରିପାଠୀଙ୍କ ସମେତ ସମିତିର ବହୁ ସଦସ୍ୟ ଉପସ୍ଥିତ ଥିଲେ।

